**02'O'(A)**

# ORIYA, Paper-II

*(First language)*

**Parts A and B**

**Time : 2 hours 45 min.]** **[Maximum Marks : 40**

**ସୂଚନା :**

1. ପ୍ରଥମ **15** ମିନିଟ୍ ସମୟ କେବଳ ପ୍ରଶ୍ନ ପତ୍ରଟି ପଢ଼ିବା ପାଇଁ ଉଦ୍ଦିଷ୍ଟ ।
2. **Part - A** ପ୍ରଶ୍ନଗୁଡ଼ିକର ଉତ୍ତର ତୁମକୁ ଦିଆଯାଇଥିବା ଉତ୍ତର ଖାତାରେ ଲେଖ ।
3. **Part - B** ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଲେଖ ।

## Part-A

**Time : 2 hours** **Marks : 30**

**I.** ବୋଧ- ଅନୁଚିନ୍ତନ । **12**

**1.** ନିମ୍ନ ଉକ୍ତିଗୁଡ଼ିକୁ ଘଟଣା କ୍ରମରେ ସଜାଇ ଲେଖ । *1×4=4*

(କ) ବସ୍‌ରୁ ଓହ୍ଲେଇ ନଟବର ବାବୁ ବସ୍‌ଷ୍ଟେଣ୍ଡ ପାଖରେ ଥିବା ଚାକୁଣ୍ଡା ଗଛ ତଳରେ ପାନ ଜଳଖିଆ ଦୋକାନ କରିଥିବା ହରି ଗୁଡ଼ିଆର ଚାଳିଆ ଆଡ଼କୁ ମୁହେଁଇଲେ ।

(ଖ) ସେ ପରମ ତୃପ୍ତିରେ ଆଖି ବୁଜିଲେ । ସେଇ ମୁଦା ଆଖି ପତା ଉପରେ ଭାସି ଉଠିଲା ଗୋଟିଏ ବିରାଟ ବରଗଛର ଛବି ।

(ଗ) ପାଣି ପିଇ ସାରି ନଟବର ପାହାଚ ଉପରେ ଠାକୁରଙ୍କୁ ମୁଣ୍ଡିଆ ମାରି ଗୁହାରି ଜଣେଇ ପୁଣି ବାହାରି ପଡ଼ିଲେ ।

(ଘ) ଆଉ ଉପାୟ ନାହିଁ । ନଟବର ବାବୁ ସେଇ ବେଳ ବଣ ଭିତରେ କଣ୍ଟା ଆଡ଼େଇ ପଶିଲେ । ଟିକିଏ ବିଶ୍ରାମ ଦରକାର ।

2. ନିମ୍ନ ପଦ୍ୟାଂଶଟି ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । $1\times4=4$

ଲଙ୍ଘଇ ନଦୀ ସ୍ରୋତ ସେତୁ-ବନ୍ଧନ,
ରାଜଦ୍ରୋହୀ ଯେସନ ରାଜ୍ୟ ଶାସନ ।
ବହି ଯାଉଛି ବାରି ଭେଦି କିଆରୀ,
ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ର ନାରୀ ।
ଦର୍ଦ୍ଦୁର-ରବ ଶୁଣି ନୀରବ ପିକ,
ମୂଢ଼ ସଭାରେ ମୂକ ଯଥା ଧାର୍ମିକ ।

ପ୍ରଶ୍ନ :

(କ) ରାଜଦ୍ରୋହୀମାନେ କ'ଣ ଲଙ୍ଘନ କରନ୍ତି?

(ଖ) ନାରୀଙ୍କୁ ସ୍ୱତନ୍ତ୍ରତା ଦେଲେ ସେ କ'ଣ କରେ?

(ଗ) ମୂର୍ଖମାନଙ୍କ ସଭାରେ ଧାର୍ମିକମାନଙ୍କ ଅବସ୍ଥା କ'ଣ ହୁଏ?

(ଘ) ପ୍ରଦତ୍ତ ପଦ୍ୟାଂଶଟିରୁ ପ୍ରଶ୍ନଟିଏ ତିଆରି କର ।

3. ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । $4\times\frac{1}{2}=2$

ସମୟ କାହାକୁ ଅପେକ୍ଷା କରେ ନାହିଁ । ଯିଏ ସମୟର ସର୍ବୋତ୍‌କୃଷ୍ଟ ଉପଯୋଗ କରେ, ସେ ଉନ୍ନତି କରେ । କିନ୍ତୁ ଯେଉଁ ମାନେ ବୃଥାରେ ସମୟ ନଷ୍ଟ କରନ୍ତି, ସେମାନେ ଅନାହାର ଓ ଦାରିଦ୍ର୍ୟ ଭୋଗ କରନ୍ତି । ଆଳସ୍ୟ ମନୁଷ୍ୟ ଜୀବନର ଏକ ବଡ଼ ଶତ୍ରୁ । ତେଣୁ ଆମେ ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ଠିକ୍ ସମୟରେ କରିବା ଉଚିତ । କିଛି ଲୋକ ଭାରି ଅଳସୁଆ । ସେମାନେ କେବେ ହେଲେ ଠିକ୍ ସମୟରେ କାମ କରନ୍ତି ନାହିଁ । ତେଣୁ ସେମାନେ ଜୀବନରେ ବେଶି ଦୁଃଖ ପାଆନ୍ତି ।

ପ୍ରଶ୍ନ :

(କ) କେଉଁ ମାନେ ଉନ୍ନତି ଲାଭ କରିଥା'ନ୍ତି?

(ଖ) କେଉଁ ମାନେ ଅନାହାର ଓ ଦାରିଦ୍ର୍ୟ ଭୋଗ କରିଥାନ୍ତି?

(ଗ) ମନୁଷ୍ୟ ଜୀବନର ପରମ ଶତ୍ରୁ କିଏ?

(ଘ) ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ।

4. ନିମ୍ନ ବିବୃତିଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । $4\times\frac{1}{2}=2$

ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର 1820 ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଠାକୁର ଦାସ ବନ୍ଦୋପାଧ୍ୟାୟ । ସେ ମେଦିନୀପୁର ଜିଲ୍ଲାର ବୀରସିଂହର ଅଧିବାସୀ ଥିଲେ । ଠାକୁର ଦାସ ଦରିଦ୍ର ଥିଲେ । ତଥାପି ସେ ତାଙ୍କ ପୁଅର ଶିକ୍ଷା ପାଇଁ ବ୍ୟବସ୍ଥା କରିଥିଲେ । ଈଶ୍ୱର ଚନ୍ଦ୍ର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଶିକ୍ଷା ଆରମ୍ଭ କରିଥିଲେ । ସେ ଅତ୍ୟନ୍ତ ବୁଦ୍ଧିମାନ ଥିଲେ । ଏବଂ ଯାହା ଥରେ ପଢୁଥିଲେ, କେବେ ହେଲେ ଭୁଲୁ ନ ଥିଲେ । ତାଙ୍କର ଶିକ୍ଷକ ମାନେ ପୂର୍ବାନୁମାନ କରିଥିଲେ ଯେ ଶିଶୁ ଈଶ୍ୱରଚନ୍ଦ୍ର ଦିନେ ଭାରତର ଜଣେ ମହାନ୍ ବ୍ୟକ୍ତି ହେବେ ।

**ପ୍ରଶ୍ନ :**

(କ) ପଣ୍ଡିତ ଈଶ୍ୱରଚନ୍ଦ୍ରଙ୍କ ପିତାଙ୍କ ନାମ କ'ଣ?

(ଖ) ଈଶ୍ୱରଚନ୍ଦ୍ର ନିଜର ପ୍ରାଥମିକ ଶିକ୍ଷା କେଉଁଠି ଆରମ୍ଭ କରିଥିଲେ?

(ଗ) ଶିକ୍ଷକମାନେ କ'ଣ ଅନୁମାନ କରିଥିଲେ?

(ଘ) ପ୍ରଦତ୍ତ ଅନୁଚ୍ଛେଦରୁ ପ୍ରଶ୍ନଟିଏ ତିଆରି କର ।

**II. ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ :** 18

**(ଅ)** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । $2\times2=4$

5. ଜୟଦେବ ବାବୁଙ୍କ ଚରିତ୍ର ଚିତ୍ରଣ କର ।

6. ଶାମ୍ବ ସୂର୍ଯ୍ୟ ପୂଜା କରିଥିଲେ କାହିଁକି?

**(ଆ)** ଅନ୍ୟୂନ ଦଶ କିମ୍ବା ବାର ଧାଡ଼ିରେ ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । $1\times4=4$

7. ରାଜେଶ୍ୱରୀଙ୍କ ଚରିତ୍ରରେ କି କି ବିଶେଷତା ପରିଲକ୍ଷିତ ପଠିତ ଗଳ୍ପ ଅନୁସାରେ ଆଲୋଚନା କର ।

**କିମ୍ବା**

''ଧରମାର ଆତ୍ମୋତ୍ସର୍ଗ ଓଡ଼ିଆ ଜାତି ପାଇଁ ଆଦର୍ଶ'' -ଏହାର ସତ୍ୟତା ପ୍ରତିପାଦନ କର ।

8. ''ମାତୃଭାଷା ହିଁ ଆମର ପରିଚାୟକ'' -ଏହାକୁ ଭିତ୍ତି କରି ପ୍ରବନ୍ଧ ଲେଖ । 5

**କିମ୍ବା**

''ପୁସ୍ତକ ହିଁ ଆମର ପ୍ରକୃତ ବନ୍ଧୁ'' -ଏ କଥା ଜଣାଇ ଭାଇ ନିକଟକୁ ପତ୍ର ଲେଖ ।

9. ତୁମ ବିଦ୍ୟାଳୟ ବାର୍ଷିକୋତ୍ସବ ଉଦ୍ଦେଶ୍ୟରେ ନିମନ୍ତ୍ରଣ ପତ୍ର ପ୍ରସ୍ତୁତି କର । 5

**କିମ୍ବା**

ତୁମେ ଶୁଣିଥିବା ଏକ ନୀତିମୂଳକ କାହାଣୀ ନିଜ ଭାଷାରେ ଲେଖ ।

---

This Question Paper contains 4 Printed Pages.]

**02'O'(B)**

# ORIYA, Paper-II

*(First language)*

**Parts A and B**

**Time : 2 hours 45 min.]** **[Maximum Marks : 40**

**ସୂଚନା :**

1. ନିମ୍ନରେ ଦିଆଯାଇଥିବା ବହୁ ବିକଳ୍ପ ଉତ୍ତର ମୂଳକ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ସୂଚିତ ଅଙ୍କଟିକୁ ବନ୍ଧନୀ ମଧ୍ୟରେ ଲେଖ ।
2. **Part - B** ସମ୍ପର୍କିତ ଉତ୍ତରଗୁଡ଼ିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି **Part - A** ଉତ୍ତର ଖାତା ସହ ସଂଲଗ୍ନ କର ।
3. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $\frac{1}{2}$ ମାର୍କ ।

## Part-B

**Time : 30 minutes** **Marks : 10**

**III. ଭାଷା ପ୍ରକରଣ (ଶବ୍ଦ ଭଣ୍ଡାର, ବ୍ୟାକରଣ)** $20 \times \frac{1}{2} = 10$

1. ଏହା ଶୁଦ୍ଧ ବାକ୍ୟର ଗୋଟିଏ ଲକ୍ଷଣ । [ ]

   (1) କୃଦନ୍ତ (2) କାରକ

   (3) ବିଶୁଦ୍ଧ ଶବ୍ଦ (4) ଯୋଗ୍ୟତା

2. ଏହାକୁ ଖଣ୍ଡ ବାକ୍ୟ କୁହାଯାଏ । [ ]

   (1) ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ।

   (2) ବାକ୍ୟରେ ଦୁଃଖ ପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ ।

   (3) ବାକ୍ୟରେ ଦୁଃଖ ପଡୁଥିବା ନିର୍ଦ୍ଦିଷ୍ଟ ପଦ ସଂହତିକୁ ।

   (4) ବାକ୍ୟର ସମାସ ପଦଟିକୁ ।

3. ବାକ୍ୟରେ ବିଶେଷତା ପଦ କେଉଁଠି ବସେ? [ ]

(1) କ୍ରିୟା ପଦ ପୂର୍ବରୁ (2) ସଂବୋଧନ ପଦ ପୂର୍ବରୁ

(3) ବିଶେଷ୍ୟ ପଦ ପୂର୍ବରୁ (4) ବାକ୍ୟର ଶେଷରେ

4. ପରିଶ୍ରମୀ ଛାତ୍ରମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ।
ଗଠନ ଦୃଷ୍ଟିରୁ ଏହା କି ପ୍ରକାର ବାକ୍ୟର ଉଦାହରଣ ? [ ]

(1) ପ୍ରଶ୍ନ ସୂଚକ ବାକ୍ୟ (2) ସରଳ ବାକ୍ୟ

(3) ଜଟିଳ ବାକ୍ୟ (4) ଯୌଗିକ ବାକ୍ୟ

5. ଏହା ଏକ ବିସ୍ମୟ ସୂଚକ ବାକ୍ୟ - [ ]

(1) ଘରଟାକୁ ସଫା କରି ଦିଅ ।

(2) ରୀତା ଦ୍ୱାରା ଏ କାମ କେବେ ବି ହେବ ନାହିଁ ।

(3) ବାପା ଏତେ ଟଙ୍କା ଦେଲେ !

(4) ତମେ କେବେ ଆସିବ?

6. ନାସ୍ତିର ସୂଚନା ପ୍ରଦାନ କରୁଥିବା ବାକ୍ୟଟିକୁ ଏହି ବାକ୍ୟ କୁହାଯାଏ । [ ]

(1) ବିବୃତ୍ତି ସୂଚକ ବାକ୍ୟ (2) ପ୍ରଶ୍ନ ସୂଚକ ବାକ୍ୟ

(3) ବିସ୍ମୟ ସୂଚକ ବାକ୍ୟ (4) ନାସ୍ତି ସୂଚକ ବାକ୍ୟ

7. ହରି ଭଲ ନାଚିବାରୁ ସୁନାମ ଅର୍ଜନ କରିଛି । -ଏହି ବାକ୍ୟଟିକୁ ଯୌଗିକ ବାକ୍ୟରେ
ପରିଣତ କଲେ ଏହା ହେବ । [ ]

(1) ହରି ଭଲ ନାଚିବ ।

(2) ହରି ଭଲ ନାଚୁଛି ଓ ଏଥି ପାଇଁ ସୁନାମ ଅର୍ଜନ କରୁଛି ।

(3) ହରି ଭଲ ନାଚି ସୁନାମ କରିଛି ।

(4) ହରି ଭଲ ନାଚି ସୁନାମ ପାଇଛି ।

8. ଲଙ୍କାରେ ହରି ଶବ୍ଦ ଶୁଣିବା ବୃଥା । -ବାକ୍ୟଟିକୁ ନାସ୍ତିସୂଚକ ବାକ୍ୟରେ ରୂପାନ୍ତର
କଲେ ଏହା ହେବ । [ ]

(1) ଲଙ୍କାରେ ହରି ଶବ୍ଦ ମିଳିବା ସମ୍ଭବ ନୁହେଁ ।

(2) ଲଙ୍କାରେ ପୁଣି ହରି ଶବ୍ଦ !

(3) ଲଙ୍କାରେ ହରି ଶବ୍ଦ ଶୁଣା ଯାଏ କି?

(4) ଲଙ୍କାରେ ହରି ଶବ୍ଦ ଶୁଣିବା ମନା ।

9. କୃଷ୍ଣ କହିଲା, ''ମୁଁ ଯାତ୍ରା ଦେଖେ ନାହିଁ ।'' - ବାକ୍ୟଟିକୁ ପରୋକ୍ଷ ଉକ୍ତିରେ ଲେଖିଲେ ଏହା ହେବ । [ ]

(1) କୃଷ୍ଣ ଯାତ୍ରା ଦେଖେ ନାହିଁ ।

(2) ସେ ଯାତ୍ରା ଦେଖେ ନାହିଁ ।

(3) ମୁଁ ଯାତ୍ରା ଦେଖେ ନାହିଁ ।

(4) କୃଷ୍ଣ ଯାତ୍ରା ଦେଖେ ନାହିଁ ବୋଲି କହିଲା ।

10. ବର ଓ କନ୍ୟା ଦୁଇ ଜଣ ଯାକ ବେଦିରେ ବସିଛନ୍ତି । -ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ହେବ । [ ]

(1) ବର କନ୍ୟା ବେଦିରେ ବସିଛନ୍ତି ।

(2) ବର କନ୍ୟା ବସିଛନ୍ତି ।

(3) ବର କନ୍ୟା ଉଭୟ ବେଦିରେ ବସିଛନ୍ତି ।

(4) ବର କନ୍ୟା ବେଦିରେ ବାହା ହେବେ ।

11. ଓଡ଼ିଆ ଭାଷାରେ ରୂଢ଼ି ପ୍ରୟୋଗର କେତୋଟି ଧାରା ପରିଲକ୍ଷିତ - [ ]

(1) ଚାରୋଟି (2) ପାଞ୍ଚଟି

(3) ଦୁଇଟି (4) ତିନୋଟି

12. ''ଗୋବର ଗଣେଶ'' -ରୂଢ଼ିଟିର ଅର୍ଥ ଏହା ହେବ । [ ]

(1) ଜ୍ଞାନୀ (2) ନିର୍ବୋଧ

(3) ମହାମ୍ନାନ୍ (4) ଜିଜ୍ଞାସୁ

13. ''ବିବାହ କରିବା'' ଅର୍ଥକୁ ବୁଝାଉ ଥିବା ରୂଢ଼ିଟି - [ ]

(1) ହାତ କରିବା (2) ଗୋଡ଼ ହାତ ଧରିବା

(3) ହାତ ମାରିବା (4) ହାତ ଧରିବା

14. ''ଘୋଡ଼ା ଛଅ ଟଙ୍କାକୁ ..........................'' ଲୋକବାଣୀଟିକୁ ପୂରଣ କର । [ ]

(1) ଦାନା ବାର ଟଙ୍କା (2) ଦାନା ଅଠର ଟଙ୍କା

(3) ଦାନା ନଅ ଟଙ୍କା (4) ଦାନା ଦଶ ଟଙ୍କା

**15.** ''ବଢ଼େଇ ଦେଲା ବୁଦ୍ଧି ..........................'' ଲୋକବାଣୀଟିକୁ ପୂରଣ କର । [ ]

(1) ମାଗି ଆଣିଲା ଡିଅଣ (2) ମାଗି ଆଣିଲା ଲବଣ

(3) ମାଗି ଆଣିଲା ରସୁଣ (4) ମାଗି ଆଣିଲା ବେସନ

**16.** ''କାହାର ପୁଷମାସ, କାହାର ସର୍ବନାଶ''-ଏହି ଲୋକବାଣୀଟିର ଅର୍ଥ- [ ]

(1) ଭିନ୍ନ ସ୍ଥାନରେ ଭିନ୍ନ ଚଳଣି

(2) କାହାର ପୌରୁଷ, କାହାର ନାଶ

(3) ମନ ଅନୁସାରେ ଫଳ ମିଳିବା

(4) ଜଣକର ଲାଭ ବେଳେ ଅନ୍ୟ ଜଣକର କ୍ଷତି

**17.** ''ପୋଥିଗତ ବିଦ୍ୟା ........................................'' ଲୋକବାଣୀଟିକୁ ପୂରଣ କର । [ ]

(1) ପରହସ୍ତ ମନ (2) ପରହସ୍ତ ଧନ

(3) ପରହସ୍ତ ଯାନ (4) ପରହସ୍ତ ବାହନ

* ନିମ୍ନ ରୂଢ଼ିଗୁଡ଼ିକ ବ୍ୟବହାର କରି ବାକ୍ୟ ଗଠନ କର ।

**18.** ଅଲଣା କଥା : ..........................................................................................

..........................................................................................

**19.** ଗାଲରେ ହାତ ଦେବା :

..........................................................................................

..........................................................................................

* ନିମ୍ନ ଲୋକବାଣୀଟି କେଉଁ ପରିସ୍ଥିତିରେ ପ୍ରୟୋଗ କରାଯାଇଥାଏ ଲେଖ ।

**20.** ତେଲିଆ ମୁଣ୍ଡରେ ତେଲ : ..........................................................................

..........................................................................................